ଶ୍ରେଷ୍ଠତ୍ୱର ପରିଚୟ

# ଜୀବମଙ୍ଗଳ

■ ଡାଃ ବୀରକିଶୋର ପରିଡ଼ା
ସୂଚନା ଅଧିକାରୀ, ପଶୁପାଳନ ଓ ପଶୁଚିକିତ୍ସା ନିର୍ଦ୍ଦେଶାଳୟ, ଓଡ଼ିଶା, କଟକ

ମଣିଷ ଏକ ସାମାଜିକ ପ୍ରାଣୀ ପୁନଶ୍ଚ ଶ୍ରେଷ୍ଠ ଜୀବ ଭାବରେ ମଧ୍ୟ ଆଖ୍ୟାୟିତ । କିନ୍ତୁ ମଣିଷକୁ ଜୀବନ ଧାରଣ କରିବାରେ ସାହାଯ୍ୟ କରୁଥିବା ପ୍ରାଣୀମାନଙ୍କ ପ୍ରତି ଏବେ ବି ମଣିଷ ଅବିଚାର କରିଚାଲିଛି । 'ଜୀବେ ଦୟା'ର ବହୁଳ ପ୍ରଚାର କେବଳ ପ୍ରଚାର ମଧ୍ୟରେ ହିଁ ସୀମିତ ହୋଇରହିଛି । ତେଣୁ ଏହି ନିରୀହ ଜୀବମାନଙ୍କ ପ୍ରତି ଦୟାଭାବ ପ୍ରଦର୍ଶନ କରି ମଣିଷ ତା'ର ଶ୍ରେଷ୍ଠତ୍ୱର ପରିଚୟ ଦେବାର ସମୟ ଆସିଛି । ପ୍ରାଣୀମାନଙ୍କ ପ୍ରତି ଅଯଥା ନିଷ୍ଠୁର ଆଚରଣ କରିବାକୁ ସମସ୍ତ ଜନସମାଜକୁ ନିରୁତ୍ସାହିତ କରିବା ଆମ ସମସ୍ତଙ୍କର ଦାୟିତ୍ୱ । ସେଥିପାଇଁ ବିଭିନ୍ନ ସରକାରୀ ଓ ବେସରକାରୀ ଅନୁଷ୍ଠାନ, ସ୍ୱେଚ୍ଛାସେବୀ ସଂସ୍ଥା ଏବଂ କେନ୍ଦ୍ର ଜୀବଜନ୍ତୁ କଲ୍ୟାଣ ପରିଷଦ ତଥା ରାଜ୍ୟ ଏସ୍.ପି.ସି.ଏ. ପଶୁପକ୍ଷୀମାନଙ୍କ ପ୍ରତି ନିଷ୍ଠୁର ଭାବ ପରିହାର କରିବା ସହିତ ସେମାନଙ୍କୁ ସ୍ନେହ, ଶ୍ରଦ୍ଧା ପ୍ରଦର୍ଶନ କରି ଦେଶର ସମୃଦ୍ଧି ମାର୍ଗରେ ଆଗେଇ ଆସିବାକୁ ସମସ୍ତ ଜୀବପ୍ରେମୀ ବନ୍ଧୁମାନଙ୍କୁ ନିବେଦନ କରି ଆସୁଛନ୍ତି । ମହର୍ଷି ବଶିଷ୍ଠଙ୍କ ବାଣୀ ଅନୁସାରେ ଯେଉଁ ବ୍ୟକ୍ତି ଶ୍ରଦ୍ଧାପୂର୍ବକ ଗୋ ସେବା କରନ୍ତି, ସେ ଅଗ୍ନିଲୋକରେ ନୂତନ ସ୍ଥାନ ଲାଭ କରନ୍ତି । ଯେଉଁ ବ୍ୟକ୍ତି ସଶ୍ରଦ୍ଧ ଚିତ୍ତରେ ଗୋରୁଙ୍କୁ ଖାଦ୍ୟ ପ୍ରଦାନ କରନ୍ତି, ସେ ସ୍ୱର୍ଗ ଲାଭର ଅଧିକାରୀ ହୁଅନ୍ତି । କିନ୍ତୁ ଆଜିକାଲି ଧର୍ମକୁ ଆଖିଠାର ଭଳି 'ଜୀବେ ଦୟା' ରାସ୍ତାକଡ଼ରେ ନିର୍ମମ ପଶୁହତ୍ୟା ଯେ କେତେ ନିରୀହ କୋମଳମତି ଶିଶୁଙ୍କ ମନରେ ପ୍ରଭାବ ପକାଉଛି ତାହା ଉଣାଧିକେ ସମସ୍ତଙ୍କୁ ଜଣା । ଜୀବମାନଙ୍କ ପ୍ରତି ନିଷ୍ଠୁର ମନୋଭାବ ପ୍ରଦର୍ଶନ, ରାସ୍ତାକଡ଼ରେ ପଶୁହତ୍ୟା ଓ ବିଭିନ୍ନ ଦେବାଦେବୀ ପୀଠରେ ପଶୁବଳି ପ୍ରଭୃତି ଘୃଣ୍ୟକାମ ଆମର ସମସ୍ତ ଜନସମାଜକୁ ଅଭିଶପ୍ତ କରି ପରୋକ୍ଷ ଭାବେ ବିଭିନ୍ନ ପ୍ରାକୃତିକ ବିପର୍ଯ୍ୟୟ ଯଥା- ବନ୍ୟା, ବାତ୍ୟା, ମରୁଡ଼ି, ଭୂମିକମ୍ପ ମାଧ୍ୟମରେ କେତେ ଯେ ଧନଜୀବନ ହାନି ଘଟାଉଛି ତାହା ସହଜରେ ଅନୁମେୟ ।

ଏହି ଜୀବେ ନିଷ୍ଠୁରତା ନିବାରଣ ପାଇଁ ଆମ ପୃଥିବୀରେ ସର୍ବପ୍ରଥମେ ୧୮୨୪ ମସିହା ଜୁନ ୧୬ରେ 'ଜୀବେ ନିଷ୍ଠୁରତା ନିରାକରଣ ସମିତି' ଗଠନ କରାଗଲା । ସେହିପରି ଆମ ରାଜ୍ୟରେ ଆଜକୁ ୭୦ ବର୍ଷ ହେଲା ଅର୍ଥାତ୍ ୧୯୩୬ ମସିହାରେ ଜୀବେ ନିଷ୍ଠୁରତା ନିରାକରଣ ସମିତି ଆରମ୍ଭ ହୋଇ ରାଜ୍ୟର ଜୀବଜନ୍ତୁଙ୍କ ସୁରକ୍ଷା ପାଇଁ ବିଭିନ୍ନ କଲ୍ୟାଣମୂଳକ କାର୍ଯ୍ୟକ୍ରମ ସଫଳତାର ସହ କରି ଆସୁଛନ୍ତି । ଏହି ସମିତି ଏସ୍.ପି.ସି.ଏ. ନାମରେ ପରିଚିତ । ଭାରତ ସରକାରଙ୍କ ଦ୍ୱାରା ପ୍ରଣୀତ ଜୀବେ ନିଷ୍ଠୁରତା ନିରୋଧ ଆଇନ - ୧୯୬୦କୁ କାର୍ଯ୍ୟକାରୀ କରିବା ଆମ ରାଜ୍ୟ ଏସ୍.ପି.ସି.ଏ.ର ମୂଳମନ୍ତ୍ର ଅଟେ । ଆମ ରାଜ୍ୟରେ ବର୍ତ୍ତମାନ ସୁଦ୍ଧା ୩୦ ଗୋଟି ଜିଲ୍ଲାରୁ ଢେଙ୍କାନାଳ, କଟକ, ବାଲେଶ୍ୱର, ମୟୂରଭଞ୍ଜ, ବ୍ରହ୍ମପୁର ଓ ସମ୍ବଲପୁର ଠାରେ ପରିଦର୍ଶକମାନଙ୍କୁ ଅବସ୍ଥାପିତ କରାଯାଇ ଜୀବମଙ୍ଗଳ ତଥା ଜୀବେଦୟା କାର୍ଯ୍ୟକ୍ରମର ତଦାରଖ କରାଯାଉଛି । ଆମ ଭାରତ ସରକାର ଚେନ୍ନାଇ ଠାରେ ଏକ ଜୀବମଙ୍ଗଳ ବୋର୍ଡ଼ ଗଠନ କରି ଜୀବେ ନିଷ୍ଠୁରତା ନିବାରଣ ପାଇଁ ଯତ୍ନବାନ ହୋଇଛନ୍ତି । ଆର୍ଥିକ ସମ୍ବଳର ନିଅଣ୍ଟିଆ ପରିସ୍ଥିତି ଯୋଗୁ ଏହି ଏସ୍.ପି.ସି.ଏ. କାର୍ଯ୍ୟକ୍ରମକୁ ଗ୍ରାମ ସ୍ତରରୁ ଜିଲ୍ଲା ତଥା ରାଜ୍ୟସ୍ତର ପର୍ଯ୍ୟନ୍ତ ଜନସଚେତନତା ସୃଷ୍ଟି ପାଇଁ ଆଗେଇ ନେବାରେ ସେତେଟା ଆଖିଦୃଶିଆ ସଫଳତା ହାସଲ କରିପାରିନାହିଁ ।

ସାଧାରଣତଃ ଆମ ଜ୍ଞାତସାରରେ ହେଉ କିମ୍ବା ଅଜ୍ଞାତସାରରେ ହେଉ, ଆମେ ୩ ପ୍ରକାର ଅନିଷ୍ଟ ବା ଅପରାଧ କରି ନିରୀହ ମୂକ ପଶୁପକ୍ଷୀମାନଙ୍କର କ୍ଷତି ଘଟାଇ ଥାଉ । ତାହା ହେଲା-

**ମନ୍ଦ ଉଦ୍ଦେଶ୍ୟ ରଖି ଅନିଷ୍ଟ କରିବା (Maiming)** : ଯଦି କେହି ଖରାପ ଉଦ୍ଦେଶ୍ୟ ରଖି ବିଭିନ୍ନ ବିଷାକ୍ତ ପଦାର୍ଥ ଯଥା: ଗୁଞ୍ଜ, ଆର୍‌ସେନିକ, ଦୁଦୁରା ପତ୍ର, କୀଟନାଶକ ବା ରାସାୟନିକ ପଦାର୍ଥ ପଶୁପକ୍ଷୀଙ୍କୁ ଖୁଆଇ ମାରିବା, ପଶୁପକ୍ଷୀଙ୍କୁ ସଂପୂର୍ଣ୍ଣ ରୂପେ ଅକର୍ମଣ୍ୟ କରିଦେବା ଆଦି ଉକ୍ତ ଶ୍ରେଣୀର ଅନ୍ତର୍ଭୁକ୍ତ । ଆମ ଭାରତୀୟ ପେନାଲ କୋର୍ଡ଼ର ଦଫା ୪୨୮ ଓ ୪୨୯ ଅନୁଯାୟୀ ଏହିଭଳି କାର୍ଯ୍ୟକରିବା ଏକ ଦଣ୍ଡନୀୟ ଅପରାଧ ।

**ପାଶବିକତା (Bestiality)** : ଏହା ସାଧାରଣତଃ ମନୁଷ୍ୟର ପଶୁମାନଙ୍କ ସହିତ ଅପ୍ରାକୃତିକ ଯୌନକ୍ରିୟାକୁ ବୁଝାଇଥାଏ । ବିକୃତ ମସ୍ତିଷ୍କ ଧାରୀ ବ୍ୟକ୍ତି, ଯୌନ ପିପାଶୁ ବ୍ୟକ୍ତି, ଗନେରିଆରୁ ମୁକ୍ତ ପାଇବା ଆଶାକାରୀ ବ୍ୟକ୍ତିମାନେ ନିରୀହ ମୂକ ପଶୁମାନଙ୍କର ନିର୍ଜନତା ଓ ସରଳତାର ସୁଯୋଗ ନେଇ ଏହି ପାଶବିକତା କାର୍ଯ୍ୟରେ ଲିପ୍ତ ରହିଥାନ୍ତି । ଏହି ପାଶବିକତା ଆଇ.ପି.ସି.-୩୭୭ ଦଫା ଅନୁସାରେ

ଏକ ଦଣ୍ଡନୀୟ ଅପରାଧ ।

**ଜୀବ ପ୍ରତି ନିଷ୍ଠୁରତା (Cruelty to animals) :** ଜୀବ ପ୍ରତି ନିଷ୍ଠୁରତା ଭାବ ସାଧାରଣତଃ ନିମ୍ନ ପ୍ରକାରରେ ଗ୍ରହଣ କରାଯାଇଥାଏ । ଯଥା- ପଶୁଙ୍କୁ ବାଡ଼େଇବା, ଟ୍ରକ ବା ଗାଡ଼ିରେ ଚାହିଦା ଠାରୁ ଅତ୍ୟଧିକ ପଶୁପକ୍ଷୀ ବହନ କରିବା, ଅତ୍ୟଧିକ ଜିନିଷ ଲଦି ଶଗଡ଼ରେ ପଶୁଙ୍କୁ ପିଟିପିଟି ବୁହାଇବା, ପଶୁପକ୍ଷୀଙ୍କୁ ଠିକ୍ ଖାଦ୍ୟପାନୀୟ ନ ଦେବା, ପଶୁଙ୍କୁ ବୃଦ୍ଧାବସ୍ଥା ବେଳେ କିମ୍ବା ରୋଗଗ୍ରସ୍ତ ବେଳେ ଘରୁ ତଡ଼ି ଦେବା, ସାଇକେଲରେ ବହୁ ସଂଖ୍ୟକ କୁକୁଡ଼ା ଗୋଡ଼ ଉପରକୁ ମୁଣ୍ଡ ତଳକୁ କରିନେବା, ପଶୁପକ୍ଷୀଙ୍କ ମଧ୍ୟରେ ଲଢ଼େଇ କିମ୍ବା କୁକୁଡ଼ା ଲଢ଼େଇ କରାଇବା, ରାସ୍ତାକଡ଼ରେ ଜୀବହତ୍ୟା, ପଶୁପକ୍ଷୀଙ୍କର ଯନ୍ତ୍ରଣାଦାୟକ ମୃତ୍ୟୁ ଓ ବହୁ ସଂଖ୍ୟାରେ ମୃତ୍ୟୁ, ପଶୁଙ୍କ କାନ କିମ୍ବା ଲାଞ୍ଜ କାଟିବା, ପଶୁପକ୍ଷୀଙ୍କୁ ବିକଳାଙ୍ଗ କରିବା, ପଶୁର ରୋଗ ନଥାଇ ଉଦ୍ଦେଶ୍ୟମୂଳକ ଭାବେ କ୍ଷତିକାରକ ଔଷଧ ଦେବା, କୌଣସି ଚଳଚ୍ଚିତ୍ର, ସର୍କସ କିମ୍ବା ପ୍ରତିଯୋଗିତା ଉଦ୍ଦେଶ୍ୟରେ ବ୍ୟବହାର କରିବା, ଗାଈଙ୍କଠାରେ ଅକ୍ସିଟୋସିନ୍ କିମ୍ବା ଫୁକା ପ୍ରୟୋଗ କରି ଅଧିକକ୍ଷୀର ପାଇବାର ଆଶା ଇତ୍ୟାଦି ଜୀବ ପ୍ରତି ନିଷ୍ଠୁରତା ଭାବେ ପରିଗଣିତ ହୁଏ ।

ତେଣୁ ଉପରୋକ୍ତ ଜୀବ ପ୍ରତି ନିଷ୍ଠୁରତା ପ୍ରଦର୍ଶନ ଭାରତ ସରକାରଙ୍କ ଦ୍ୱାରା ପ୍ରଣୀତ ଜୀବେ ନିଷ୍ଠୁରତା ନିରୋଧ ଆଇନ ୧୯୬୦ ଆକ୍ଟ ୫୯ ଅନୁସାରେ ଏକ ଦଣ୍ଡନୀୟ ଅପରାଧ ଅଟେ ।

**ଦଣ୍ଡ :**

କ) ଉପରୋକ୍ତ ଜୀବ ପ୍ରତି ନିଷ୍ଠୁରତା କାର୍ଯ୍ୟରେ ଲିପ୍ତ ଥିବା ବ୍ୟକ୍ତିଙ୍କୁ ଆଇନ ଅନୁଯାୟୀ ୧୦୦ ଟଙ୍କା ବା ୩ ମାସ ଜେଲ କିମ୍ବା ଉଭୟରେ ଦଣ୍ଡିତ ହେବେ । ପ୍ରଥମଥର ଦୋଷ ପାଇଁ ଜୋରିମନା ସର୍ବନିମ୍ନ ୧୦ ଟଙ୍କାରୁ ସର୍ବାଧିକ ୫୦ ଟଙ୍କା ପର୍ଯ୍ୟନ୍ତ କରାଯାଇପାରେ ଓ ୨ୟ ଥର ବା କ୍ରମାନ୍ୱୟ ଦୋଷ ପାଇଁ ଜୋରିମାନା ସର୍ବନିମ୍ନ ୨୫ ଟଙ୍କାରୁ ସର୍ବାଧିକ ୧୦୦ ଟଙ୍କା ପର୍ଯ୍ୟନ୍ତ ଅଥବା ୩ ମାସ ଜେଲ ଦଣ୍ଡ କିମ୍ବା ଉଭୟ ଦଣ୍ଡରେ ଦଣ୍ଡିତ ହେବେ ।

ଖ) ଧାରା-୧୨ ଅନୁଯାୟୀ ୧୦୦୦ଟଙ୍କା ବା ୨ ବର୍ଷ ଜେଲ ଦଣ୍ଡ କିମ୍ବା ଉଭୟରେ ଦଣ୍ଡିତ ହେବେ ।

ଗ) ଆମୋଦ ପ୍ରମୋଦ ନିମନ୍ତେ ଜୀବଜନ୍ତୁଙ୍କ ଖେଳ ପ୍ରଦର୍ଶନ ପାଇଁ ଧାରା-୨୧ ଅନୁଯାୟୀ ୫୦୦ ଟଙ୍କା ବା ୩ ମାସ ପର୍ଯ୍ୟନ୍ତ ଜେଲଦଣ୍ଡ କିମ୍ବା ଉଭୟରେ ଦଣ୍ଡିତ ହେବେ । ତେଣୁ ଜୀବମାନଙ୍କ ପ୍ରତି ଦୟାଭାବ ପ୍ରଦର୍ଶନ କରିବା ଦ୍ୱାରା ମାନବ ସମାଜର ନିଶ୍ଚୟ ମଙ୍ଗଳ ସାଧିତ ହୋଇପାରିବ । ଏଥିରେ ସନ୍ଦେହର ଅବକାଶ ନାହିଁ ।

❖ ❖ ❖

**ପ୍ରାଣୀ ବିଚିତ୍ରା**

## ଭଗବତୀପୀଠରେ ପଶୁବଳିକୁ ବିରୋଧ

ରାଜ୍ୟର ପ୍ରମୁଖ ଶକ୍ତିପୀଠ ଗୁଡ଼ିକରେ ଶାରଦୀୟ ପୂଜା ଅବସରରେ ଚାଲି ଆସୁଥିବା ପଶୁବଳି ସ୍ଥାନୀୟ ଜନସାଧାରଣ ଓ ପ୍ରଶାସନଙ୍କ ହସ୍ତକ୍ଷେପ ଫଳରେ କ୍ରମଶଃ ବନ୍ଦ ହୋଇ ଆସୁଥିବାବେଳେ ବାପୁର ମା' ଭଗବତୀଙ୍କ ପୀଠରେ ବହୁ ବିରୋଧ ସତ୍ତ୍ୱେ ଚାଲୁରହିଥିବା ପଶୁବଳିକୁ ବନ୍ଦ କରାଯିବା ପାଇଁ ବାଲୁଗାଁ-ବାଣପୁର ଜନକଲ୍ୟାଣ ମଞ୍ଚ ପକ୍ଷରୁ ପୁନର୍ବାର ଉଦ୍ୟମ ଆରମ୍ଭ ହୋଇଛି ଏବଂ ସ୍ଥାନୀୟ ପ୍ରଶାସନକୁ ଏ ସମ୍ପର୍କରେ ଦୃଢ଼ ପଦକ୍ଷେପ ନେବା ପାଇଁ ଅନୁରୋଧ କରାଯାଇଛି । ଭଗବତୀ ପୀଠରେ ପଶୁବଳିକୁ ବନ୍ଦ କରାଯିବା ପାଇଁ ମଞ୍ଚ ପକ୍ଷରୁ ହାଇକୋର୍ଟରେ ଡବ୍ଲ୍ୟୁପି (ସି) ନଂ ୧୧୨୩୬ ତା ୧୨.୧୦.୨୦୦୪ରିଖ ମୁତାବକ ଏକ ଜନସ୍ୱାର୍ଥ ମାମଲା ରୁଜୁ କରାଯାଇଥିଲା । ହାଇକୋର୍ଟ ଖୋର୍ଦ୍ଧା ଜିଲ୍ଲାପାଳଙ୍କୁ ପଶୁବଳି ବନ୍ଦ ପାଇଁ ପଦକ୍ଷେପ ନେବାକୁ ନିର୍ଦ୍ଦେଶ ଦେଇଥିଲେ ।

ମାତ୍ର ପ୍ରଶାସନିକ ଅଧିକାରୀମାନେ ଏ ଦିଗରେ ତତ୍ପରତା ପ୍ରକାଶ କରିନଥିଲେ । ଇତିମଧ୍ୟରେ ବହୁ ଶକ୍ତିପୀଠରେ ସ୍ଥାନୀୟ ଜିଲ୍ଲାପାଳ, ଉପ-ଜିଲ୍ଲାପାଳ ଏବଂ ଟ୍ରଷ୍ଟିବୋର୍ଡ଼ଙ୍କ ମିଳିତ ଉଦ୍ୟମରେ ପଶୁବଳି ବନ୍ଦ ହୋଇଯାଇଛି । ଗତବର୍ଷ ଆଠଗଡ଼ର ଉପଜିଲ୍ଲାପାଳଙ୍କ ଉଦ୍ୟମରେ ବଡ଼ମ୍ବାର ପ୍ରସିଦ୍ଧ ଶକ୍ତିପୀଠ ଭଟ୍ଟାରିକାରେ ପଶୁବଳି ବନ୍ଦ ହୋଇଯାଇଥିଲା । ଚଳିତବର୍ଷ ଶାରଦୀୟ ପୂଜା ଅବ୍ୟବହିତ ପୂର୍ବରୁ ଗଞ୍ଜାମ ଜିଲ୍ଲାପାଳ ସଞ୍ଜୟ କୁମାର ସିଂହ, ଛତ୍ରପୁର ଉପଜିଲ୍ଲାପାଳ ତଥା ତାରାତାରିଣୀ ପୀଠର ଟ୍ରଷ୍ଟବୋର୍ଡ଼ ଅଧ୍ୟକ୍ଷ ଡଃ. ଅଜିତ କୁମାର ମିଶ୍ରଙ୍କ ଉଦ୍ୟମ କ୍ରମେ ବଳିବନ୍ଦ ପାଇଁ ଘୋଷଣା କରାଯାଇଛି । ଚଳିତ ବର୍ଷ ଭଗବତୀ ପୀଠରେ ପଶୁବଳି ବନ୍ଦ କରିବା ପାଇଁ ଜନସଚେତନତା ସୃଷ୍ଟି ସହ ମଞ୍ଚ ପକ୍ଷରୁ ରାଜ୍ୟ ମୁଖ୍ୟମନ୍ତ୍ରୀ, ମୁଖ୍ୟ ଶାସନ ସଚିବ, ଖୋର୍ଦ୍ଧା ଜିଲ୍ଲାପାଳ, ଉପଜିଲ୍ଲାପାଳ, ଏସ୍.ପି. ଦେବୋତ୍ତର କମିଶନର ପ୍ରମୁଖଙ୍କ ଦୃଷ୍ଟି ଆକର୍ଷଣ କରାଯାଇଛି ।

(ସମୟ - ୨୬.୦୯.୦୬)

❖ ❖ ❖